## ସଂକ୍ଷେପରେ

### କଥା ଓ ବ୍ୟଥା ଲୋକାର୍ପିତ

ପାରଳାଖେମୁଣ୍ଡି,୧୫ା୬ (ଗିରିଧାରୀପରିଛା): ସ୍ଥାନୀୟ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ଗୁରୁବାର ଦରଦି କବି ବିଚିତ୍ରାନନ୍ଦ ବେବର୍ତ୍ତାଙ୍କ କବିତା ପସରା 'କଥା ଓ ବ୍ୟଥା' ମୁଖ୍ୟ ଅତିଥି ଉପାନ୍ତପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। କବିତାଟିରେ ସେ ସାମ୍ପ୍ରତିକ ଯୁଗ ଚେତନା ପାଇଁ ଏକ ବହ୍ନି ଶିଖା ସମାଜ ପାଇଁ ବାଣ୍ଟିଛନ୍ତି ବୋଲି ବକ୍ତାମାନେ କହିଥିଲେ। ସମସ୍ତ କବିତା ଗୁଡ଼ିକୁ ଅଧ୍ୟାପକ ସୌଦାଗର ସିଓ ସମୀକ୍ଷା କରିଥିଲେ। ଡ.ଭୁବନେଶ୍ୱର ପଟ୍ଟନାୟକ, ପଣ୍ଡିତ ନରସିଂହ ଗୌଡ଼, ସମ୍ପୂର୍ଣ୍ଣାନନ୍ଦ ବେବର୍ତ୍ତା,ବିନୋଦ ଜେନା, ଭଗବତ ପାଢ଼ୀ, ଡ କଲ୍ୟାଣୀ ମିଶ୍ର, ଆଶାଲତା ପାଣିଗ୍ରାହୀ, ଶାଶ୍ୱତୀ ବେବର୍ତ୍ତା ନିଜ ନିଜର ମତ ରଖିଥିବା ବେଳେ ଶରତ ସାହୁ, ମୂରଲୀଧର ପରିଚ୍ଛା, ତ୍ରିପତି ପ୍ରସାଦ ପଣ୍ଡା, ବିଷ୍ଣୁ ପ୍ରସାଦ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଡାଇଟ୍‌ର ଅଧକ୍ଷ ଡାକ୍ତର ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଭାଜପାର ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ

ବାଲିଗୁଡା/ଜି. ଉଦୟଗିରି, ୧୫ା୬ (ସଞ୍ଜୟ ପାଣିଗ୍ରାହୀ/ ଶିଶିର ପଟ୍ଟନାୟକ)

ପ୍ରବଳ ଗ୍ରୀଷ୍ମପ୍ରବାହରେ ଲୋକମାନେ ଡହଳ ବିକଳ ହେଉଥିବା ବେଳେ ଟାଟା ପାୱାର ତରଫରୁ ଅଘୋଷିତ ବିଜୁଳି କାଟ କରାଯାଉଛି। ଯାହା ଫଳରେ ଲୋକମାନେ ଭୀଷଣ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଲୋକମାନେ ପାନୀୟ ଜଳ ପାଇ ପାରୁନାହାନ୍ତି। ବିଜୁଳି କାଟକୁ ନେଇ ଗୁରୁବାର ଭାଜପା ତରଫରୁ ବାଲିଗୁଡା ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଦଳର କର୍ମକର୍ତ୍ତାମାନେ ହାତରେ ପତାକା ଧରି ବାଲିଗୁଡା ବିଦ୍ୟୁତ ବିଭାଗ କାର୍ଯ୍ୟାଳୟକୁ ଯାଇଥିଲେ। ବାରମ୍ବାର ବିଦ୍ୟୁତ କାଟ ବନ୍ଦ କରାଯାଉ. ଲୋ ଭୋଲଟେଜ ସମସ୍ୟା ଦୂର କରାଯାଉ ବୋଲି ଦାବି କରିଥିଲେ। ଯଦି ନକରାଯାଏ ତେବେ ଆଗାମୀ ଦିନରେ ଲଣ୍ଠନ ଧରି ଶୋଭାଯାତ୍ରା କରି ପ୍ରତିବାଦ କରାଯିବ ବୋଲି ଦଳ ତରଫରୁ କୁହାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲା ସଭାପତି ଜଗନ୍ନାଥ ସାହୁ, ଜିଲା ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁଦେଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପଦ୍ମ ଦାସ, କଳ୍ପନା କହଁର, କୁସୁମି ପ୍ରଧାନ, ନିର୍ମଳା ବେହେରା, ଦିବାକର ସାହୁ, ଆଦିକନ୍ଦ ପଟ୍ଟନାୟକ, ସନ୍ତୋଷ ରେଡ୍ଡୀ, ସୁଭାଶିଷ ମିଶ୍ର, ଦ୍ୱିଜବର ମଲିକ, ସୁରେନ୍ଦ୍ର ପାତ୍ରଙ୍କ ସମେତ ଅନ୍ୟ କର୍ମୀମାନେ ଉପସ୍ଥିତ ଥିଲେ। ସେହିପରି ଜି.ଉଦୟଗିରି ଭାଜପା ତରଫରୁ ଜିଲା ସାଧାରଣ ସମ୍ପାଦକ ମାନଗୋବିନ୍ଦ ପ୍ରଧାନଙ୍କ ନେତୃତ୍ୱରେ ଅବନେଶ୍ୱର ପ୍ରଧାନ, ମାୟାବନ୍ଧୁ ପ୍ରଧାନ, ଜ୍ଞାନ ଚନ୍ଦ୍ର ପ୍ରଧାନ, ଭେଙ୍କେଟେଶ୍ୱର ବେହେରାଙ୍କ ସମେତ ଭାଜପା କର୍ମୀମାନେ ଜି.ଉଦୟଗିରି ବିଦ୍ୟୁତ୍ କାର୍ଯ୍ୟାଳୟ ଯାଇ ପ୍ରତିବାଦ କରିଥିଲେ।

# ଗୋଦାମରୁ ୬୬ ସିଲିଣ୍ଡର ଜବତ

## ପୋଲିସ, ଯୋଗାଣ ବିଭାଗର ମିଳିତ ଚଢ଼ାଉ

ବ୍ରହ୍ମପୁର,୧୫ା୬(ସୁବାସ ଚନ୍ଦ୍ର ପାଢ଼ୀ)



ବୈଦ୍ୟନାଥପୁର ଥାନା ଜଳେଶ୍ୱରଖଣ୍ଡି ଗ୍ରାମରେ ବେଆଇନ ଗ୍ୟାସ ସିଲିଣ୍ଡର ଗୋଦାମ ଠାବ ହୋଇଛି। ପୋଲିସ ଓ ଯୋଗାଣ ବିଭାଗ ମିଳିତ ଚଢ଼ାଉ କରି ଏଠାରୁ ୬୬ଟି ଗ୍ୟାସ୍ ସିଲିଣ୍ଡର ଜବତ କରିଛନ୍ତି । ଏଥିରେ କେତେଜଣ ଡେଲିଭରି ବୟ ସଂପୃକ୍ତ ରହିଥିବା ବେଳେ ବ୍ରହ୍ମପୁର ଇଣ୍ଡେନ୍ ଓ ଋଷିକୁଲ୍ୟା ଗ୍ୟାସ୍ ଏଜେନ୍ସିର ସିଲିଣ୍ଡର ଜବତ ହୋଇଥିବା ଅତିରିକ୍ତ ଯୋଗାଣ ଅଧିକାରୀ(ସିଏସ୍‌ଓ) ନରସିଂହ ପଣ୍ଡା ସୂଚନା ଦେଇଛନ୍ତି। ଗ୍ରାହକ ଗ୍ୟାସ୍ ବୁକ୍ କରିବା ପରେ ଏଜେନ୍ସିର ଗୋଦାମରୁ ଡେଲିଭରି ବୟ ଗ୍ୟାସ୍ ସିଲିଣ୍ଡର ନେଉଥିଲେ। କିନ୍ତୁ ତାହା ଗ୍ରାହକଙ୍କ ନିକଟକୁ ସିଧାସଳଖ ନେଇ ଦେଉନଥିଲେ। ସେହି ସିଲିଣ୍ଡର ପ୍ରଥମେ ଜଳେଶ୍ୱରଖଣ୍ଡି ବେଆଇନ ଗୋଦାମକୁ ନେଇ ସେଠାରେ ମହଜୁଦ ରଖି ପ୍ରତି ସିଲିଣ୍ଡରରୁ ପ୍ରାୟ ଏକ କେଜିରୁ ଦୁଇ କେଜି ଗ୍ୟାସ୍ ଅନ୍ୟ ଏକ ସିଲିଣ୍ଡରକୁ ବାହାର କରାଯାଉଥିଲା। ପରେ ସେହି ସିଲିଣ୍ଡରକୁ ଗ୍ରାହକଙ୍କ ପାଖକୁ ପଠାଯାଉଥିଲା। ଏପରିକି ଗ୍ରାହକଙ୍କୁ ଦିଆଯାଉଥିବା ସେହି ସିଲିଣ୍ଡରକୁ ଅସୁରକ୍ଷିତ ଭାବେ ସିଲ୍ କରାଯାଉଥିଲା। କିଛି ସିଲିଣ୍ଡରରେ ଗ୍ୟାସ୍ ଲିକ୍ ମଧ ହେଉଥିଲା। ଜଳେଶ୍ୱରଖଣ୍ଡିରେ ବେଆଇନ ଗ୍ୟାସ୍ ସିଲିଣ୍ଡର ଗୋଦାମ ରହିଥିବା ସୁରାକ ପାଇ ବ୍ରହ୍ମପୁର ଏସ୍ପି ଡା. ସରବଣା ବିବେକ ଏମ୍ ଚଢ଼ାଉ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ପ୍ରୋବେସନ ଆଇପିଏସ୍ ଅଙ୍କିତ ବର୍ମା, ଏସଡିପିଓ ରାଜୀବ ଲୋଚନ ପଣ୍ଡାଙ୍କ ସହ ପୋଲିସ ଟିମ୍ ସାଦା ପୋଷାକରେ ଚଢ଼ାଉ କରିଥିଲେ। ଛତ୍ରପୁର ଅତିରିକ୍ତ ସିଏସ୍‌ଓ ନରସିଂହ ପଣ୍ଡା ଓ ଟିମ୍ ମଧ୍ୟ ଚଢ଼ାଉରେ ସାମିଲ ଥିଲେ। ଜଳେଶ୍ୱରଖଣ୍ଡିରେ ଦୁଇଟି ଜାଗାରୁ ୬୬ଟି ଗ୍ୟାସ୍ ସିଲିଣ୍ଡର ମିଳିଥିଲା । ସେସବୁ ଜବତ କରିବା ସହ ୪ ଜଣଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି । ଜବତ ହୋଇଥିବା ୪୧ଟି ସିଲିଣ୍ଡରରୁ ଗ୍ୟାସ୍ ବାହାର କରାଯାଇଥିବା ଓଜନ କରିବା ପରେ ଜଣାପଡିଥିଲା। ଉପରୋକ୍ତ ସମସ୍ତ ସିଲିଣ୍ଡର ବ୍ରହ୍ମପୁର ଇଣ୍ଡେନ୍ ଓ ଋଷିକୁଲ୍ୟା ଗ୍ୟାସ୍ ଏଜେନ୍ସିରୁ ଆସିଥିବା ଅତିରିକ୍ତ ସିଏସ୍ କହିଛନ୍ତି। ଘଟଣାକୁ ନେଇ ସନ୍ଧ୍ୟାରେ ମାର୍କେଟିଂ ଇନ୍ସପେକ୍ଟର ସମ୍ବିତ ଦାଶ ଏତଲା ଦେଇଛନ୍ତି। ଦୁଇଟି ଏଜେନ୍ସିରୁ ଗ୍ୟାସ୍ ସିଲିଣ୍ଡରକୁ ବେଆଇନ ଗୋଦାମରେ ଗଚ୍ଛିତ ରଖାଯାଉଛି ବୋଲି ଆଇଓସିଏଲ୍ ମାର୍କେଟିଂ ମ୍ୟାନେଜରଙ୍କୁ ଅବଗତ କରାଯିବ ବୋଲି ଅତିରିକ୍ତ ସିଏସ୍ କହିଛନ୍ତି।

# ଗୁଳିମାଡ଼ ଘଟଣାରେ ଯୁବକ ଗିରଫ



ଏସ୍‌ଡିପିଓ ଏବଂ ଗିରଫ ଦ୍ୱିଜବର ।

ଫୁଲବାଣୀ, ୧୫ା୬ (ରାକେଶ ରାଉତ)

ଫୁଲବାଣୀ ଟାଉନ ଥାନା ଅନ୍ତର୍ଗତ ଡାକପାଲା ଅଞ୍ଚଳରେ ହୋଇଥିବା ଗୁଳିମାଡ ଘଟଣାରେ ସମ୍ପୃକ୍ତ ଯୁବକଙ୍କୁ ଗୁରୁବାର ପୋଲିସ ଗିରଫ କରିଛି। ସେ ହେଲେ ଦ୍ୱିଜବର ବିନ୍ଧାଣୀ । ପୂର୍ବ ଶତ୍ରୁତା ଏବଂ ଗୁଣିଗାରେଡିକୁ ସନ୍ଦେହ କରି ଏହି ଘଟଣା ଉପୁଜିଛି ବୋଲି ଫୁଲବାଣୀ ସଦର ଏସ୍‌ଡିପିଓ ସୁପ୍ରଶନ ମଲ୍ଲିକ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ଦ୍ୱିଜବରଙ୍କଠାରୁ ଏକ ହାତ ତିଆରି ବନ୍ଧୁକ ଜବତ କରାଯାଇଛି ।

ଗତ ୧୩ ତାରିଖରେ ଡାକପାଲା ପଦରସାହିର ଅଜିତ ପ୍ରଧାନଙ୍କୁ ଦ୍ୱିଜବର ଏକ ବନ୍ଧୁକରୁ ଗୁଳି କରିଥିଲେ । ଅଜିତଙ୍କୁ ଗୁରତର ଅବସ୍ଥାରେ ଫୁଲବାଣୀ ମେଡିକାଲକୁ ଅଣା ଯାଇଥିଲା । ସେଠାରୁ ତାଙ୍କୁ ବ୍ରହ୍ମପୁର ଏବଂ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଅଜିତଙ୍କ ସ୍ତ୍ରୀଙ୍କ ଅଭିଯୋଗ ଅନୁସାରେ, ଅଜିତଙ୍କ ମା' ଛେଳି ରଖିଥିଲେ। ଦ୍ୱିଜବର ଛେଳିକୁ ଗୁଳି କରି ମାରି ଦେଉଥିବା ଅଜିତଙ୍କ ମା' କହିବାରୁ ଦ୍ୱିଜବର ତାଙ୍କୁ ଗାଳି ଗୁଲଜ କରିଥିଲେ। ଅଜିତ ଏବଂ ତାଙ୍କ ଭାଇ ଦ୍ୱିଜବରଙ୍କୁ ପଚରା ଉଚରା କରିବାରୁ ସେମାନଙ୍କ ମଧରେ ପାଟିତୁଣ୍ଡ ହୋଇଥିଲା। ଦ୍ୱିଜବର ଏକ ଦେଶୀ ବନ୍ଧୁକ ଆଣି ଅଜିତଙ୍କ ଉପରକୁ ଗୁଳି ଚଳାଇଥିଲେ। ଏବେ ଅଜିତଙ୍କ ଅବସ୍ଥା ଭଲ ରହିଛି ବୋଲି ଏସ୍‌ଡିପିଓ ମଲ୍ଲିକ ପ୍ରକାଶ କରିଛନ୍ତି। ଅପରପକ୍ଷେ ମୋତେ ସବୁ ବେଳେ ଗାଳି କରିବା ସହ ମାଡ ମାରୁଥିଲେ । ଫଳରେ ମୁଁ ରାଗିକି ଗୁଳି ମାରିଛି ବୋଲି ଦ୍ୱିଜବର କହିଛନ୍ତି । ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ତଦନ୍ତକାରୀ ଅଧିକାରୀ ରୂପକ କୁମାର ଦଳେଇଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିଜୁ ପାର୍କରେ ରଜ ସମାରୋହ



ଏମ୍‌ପି, ବିଧାୟକ ଓ ଅନ୍ୟମାନେ।

ସୋରଡା,୧୫ା୬(ଲମ୍ବୋଦର ପାଣିଗ୍ରାହୀ)

ସୋରଡ଼ା ସ୍ଥିତ ବିଜୁ ଶିଶୁ ପାର୍କରେ ଗୁରୁବାର ରଜ ସମାରୋହ ପାଳିତ ହୋଇଯାଇଛି। ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ଆୟୋଜିତ ଏହି ସମାରୋହରେ ଆସିକା ଏମ୍‌ପି ପ୍ରମିଳା ବିଶୋଇ, ଏନ୍‌ଏସି ଅଧକ୍ଷ ଶିବଶଙ୍କର ପଣ୍ଡାଙ୍କ ସମେତ ବ୍ଲକ ଓ ଏନ୍‌ଏସିର ସରପଞ୍ଚ, ସମିତିସଭ୍ୟ, କାଉନସିଲରମାନେ ଯୋଗଦେଇଥିଲେ। ଭଞ୍ଜନଗରର ପ୍ରସିଦ୍ଧ ଓମ୍ ସଙ୍ଗୀତା ଏକାଡେମି ଦଳ ଯୋଗଦେଇ ସଙ୍ଗୀତ, ନୃତ୍ୟ ପ୍ରଦର୍ଶନ କରିଥିଲେ। ଗାୟକ ତଥା ପରିଚାଳକ ପ୍ରଦୀପ କୁମାର ସ୍ୱାଇଁ ସୁମଧୁର ସଙ୍ଗୀତ ପରିବେଷଣ କରିଥିଲେ।

# ମିଳିତ ନାଗରିକ କମିଟିର ଜିଲାପାଳଙ୍କୁ ଦାବିପତ୍ର

ଫୁଲବାଣୀ, ୧୫ା୬ (ରାକେଶ ରାଉତ)

କନ୍ଧମାଳ ଗସ୍ତରେ ଶୁକ୍ରବାର ଆସୁଛନ୍ତି ୫ଟି ସଚିବ ଭି.କେ ପାଣ୍ଡିଆନ । ଏହାକୁ ଦୃଷ୍ଟିରେ ରଖି ଜିଲା ମିଳିତ ନାଗରିକ କମିଟି ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ପାଣ୍ଡିଆନଙ୍କୁ ପ୍ରଦାନ କରାଯାଇଛି ।

ଏଜେଓ ଉଚ୍ଚ ବିଦ୍ୟାଳୟରେ ଯୁକ୍ତ ଦୁଇ ପାଠ୍ୟକ୍ରମ ଖୋଲିବା, ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓ ଜିଲାର ଅନ୍ୟ ମହାବିଦ୍ୟାଳୟରେ ସ୍ଥାୟୀ ଅଧକ୍ଷ, ଅଧ୍ୟାପକ ନିଯୁକ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଉପଖଣ୍ଡ ଚିକିତ୍ସାଳୟରେ ଭେଷଜ, ଶିଶୁ, ସ୍ତ୍ରୀ ଓ ପ୍ରସୂତୀ, ଆନାସ୍ଥେସିଆ ଓ ହୃଦରୋଗ ବିଶେଷଜ୍ଞ ନିଯୁକ୍ତି, ଖାଲି ଡାକ୍ତର ପଦବୀ ପୂରଣ, ଅଗ୍ରାଧିକାର ଭିତିରେ ଦୁଇଟି ଆଇସିୟୁ ନିର୍ମାଣ, ଜମି ଜମା ସମସ୍ୟାର ସମାଧାନ କରି ସ୍ଥାୟୀ ପଟ୍ଟା ପ୍ରଦାନ, ଦେଶୀ ଏବଂ ବିଦେଶୀ ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବା, ଗଞ୍ଜେଇ ଚାଷକୁ ଆଇନ ସମ୍ମତ କରି ମଣ୍ଡିରେ କିଣିବା ବ୍ୟବସ୍ଥା, ବସ୍ ଷ୍ଟାଣ୍ଡକୁ ଅତ୍ୟାଧୁନିକ କରିବା ସହ ଅନ୍ୟ ସମସ୍ୟା ଉପରେ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ।

କମିଟି ଆବାହକ ଅଶୋକ ପରିଡା କୁହନ୍ତି ଆଜି ପର୍ଯ୍ୟନ୍ତ ଜିଲାର ପ୍ରାୟ ୮୦୦ ଗ୍ରାମକୁ ସବୁଦିନିଆ ରାସ୍ତା ନାହିଁ । ପିଲା ସାଲକି ଓ ବଡସାଲକି ନଦୀରେ ବ୍ୟାରେଜ ନିର୍ମାଣ ହେଲେ ଜଳସ୍ତର ବୃଦ୍ଧି ପାଇବ । ଲୋକେ ଉପକୃତ ହେବେ । ସହରରେ ଗୋଟିଏ ଅଡିଟୋରିୟମ ନାହିଁ। ୫୦୦ ଆସନ ବିଶିଷ୍ଟ ଅତ୍ୟାଧୁନିକ ଅଡିଟୋରିୟମ ନିର୍ମାଣ ନିହାତି ଆବଶ୍ୟକ। ଫୁଲବାଣୀ ସାପ୍ତାହିକ ଗ୍ରାମୀଣ ହାଟକୁ ଜବରଦଖଲ କରାଯାଇଛି। ଏହାର ପୁନରୁଦ୍ଧାର ସହ ଆଧୁନିକ କରଣ କରିବା, ଭେଣ୍ଡିଂ ଜୋନ, ଟ୍ରାଇବାଲ ମିଉଜିୟମ, ବାଉଁଶ ଶିଳ୍ପ, କୃଷି ଭିତିକ ଶିଳ୍ପ, ଫୁଲ ଓ ଫଳ ଚାଷ, ମସଲା ଚାଷ, ହଳଦୀ ଚାଷ, ଶୀତଳ ଭଣ୍ଡାର ପ୍ରତିଷ୍ଠା ଆଦି ଉପରେ ଦାବି ଜଣାଇଛୁ।

# ଇଫ୍‌କୋ ପକ୍ଷରୁ କୃଷକ ସମ୍ମିଳନୀ

ଶେରଗଡ, ୧୫ା୬(ସୂର୍ଯ୍ୟନାରାୟଣ ଦାଶ):

ଶେରଗଡ ନିକଟସ୍ଥ ପଞ୍ଚୁଆଣି ଗ୍ରାମ ତାରାତାରିଣୀ ପୀଠରେ ଗୁରୁବାର କୃଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ତାକରଡା ସରପଞ୍ଚ ରାଜେନ୍ଦ୍ର ସେଠୀ, ସାମାଜିକ କର୍ମୀ ସଚ୍ଚିଦାନନ୍ଦ ରାଉତ, ବାସୁଦେବ ସ୍ୱାଇଁ, ଇଫକୋ ସାରର କର୍ମଚାରୀ ଯୋଗଦେଇ ଚାଷୀମାନଙ୍କ ନିମନ୍ତେ ଇଫକୋ ସାର ପ୍ରୟୋଗର ବିଧି, କେଉଁ ସମୟରେ ପ୍ରୟୋଗ କଲେ ଫସଲ ଭଲ ଅମଳ ହେବ ଓ କାର୍ଯ୍ୟକାରିତା ନେଇ ବୁଝାଯାଇଥିଲା। ଚାଷୀମାନେ ଇଫକୋ ସାର ପ୍ରୟୋଗ କରିଥିବା କିଛି ଚାଷୀଙ୍କୁ ସମ୍ମାନିତ କରାଯାଇଥିବା ବେଳେ ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।

# ସୁରେନ୍ଦ୍ର ମହାନ୍ତି ଶତବାର୍ଷିକୀ ଉଦ୍‌ଯାପନୀ ସମାରୋହ

ଆସିକା, ୧୫ା୬ (ସୁରେନ୍ଦ୍ରନାଥ ସାହୁ):



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଆସିକାସ୍ଥିତ କୃଷ୍ଣସିଂହ ସାହିତ୍ୟ ପରିଷଦ ଭବନରେ କଥାସମ୍ରାଟ ସୁରେନ୍ଦ୍ର ମହାନ୍ତି ଶତବାର୍ଷିକୀ ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣସିଂହ ସାହିତ୍ୟ ପରିଷଦର ସଭାପତି ବରିଷ୍ଠ ନାଟ୍ୟକାର, ଲେଖକ ମେଜର ରମାରମଣ ପାଢୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସୁରେନ୍ଦ୍ର ମହାନ୍ତିଙ୍କ ଝିଅ ଲୋପାମୁଦ୍ରା ମହାନ୍ତି ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ରୂପେ ବିଶିଷ୍ଟ ଶିକ୍ଷାବିତ ଡ. କୁଳମଣି ଓଝା, ମୁଖ୍ୟବକ୍ତା ରୂପେ ଡ. ବାସନ୍ତୀ ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବେ ପୂର୍ବତଟ ରେଳପଥର ପ୍ରାକ୍ତନ ଲୋକସମ୍ପର୍କ ଅଧିକାରୀ ନିରାକାର ଦାଶ ଏବଂ ଲୋକନାଟକ ଗବେଷକ ଡ. ବାୟାମନୁ ଟର୍ଚ୍ଚି ଯୋଗଦେଇଥିଲେ। ସୃଜନଶୀଳ ସାହିତ୍ୟ, ସାମ୍ବାଦିକତା ଏବଂ ରାଜନେତା ଭାବେ ବହୁମୁଖୀ ପ୍ରତିଭାର ଅଧିକାରୀ ସୁରେନ୍ଦ୍ର ମହାନ୍ତି ଥିଲେ ଜଣେ ସ୍ୱାଭିମାନୀ ବ୍ୟକ୍ତିତ୍ୱ ଏବଂ ତାଙ୍କରୀ ଲେଖନୀ ମୁନରେ ମଣିଷର ବ୍ୟଥା, ବେଦନା ମଣିଷ ଭିତରେ ଘଟୁଥିବା ବିଭେଦ, ରାଜନିତୀକ ଅବକ୍ଷୟ, ଆଧୁନିକ ସମସ୍ୟା, ବିଶ୍ୱ ଦୃଷ୍ଟିଭଙ୍ଗି, ମାନବକୈନ୍ଦ୍ରୀକ ଉଷ୍ମ ଭାବାବେଗ, ସୁଧ ଗଣତାନ୍ତ୍ରିକ ଚେତନା ଆଦି ଭରି ରହିଥିଲା ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ରାଜ୍ୟ ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହୋଇଥିବା ସାହିତ୍ୟ ପରିଷଦର ସଭାପତି ମେଜର ପାଢୀଙ୍କୁ ପରିଷଦ ପକ୍ଷରୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। କବି ଶିବ ପ୍ରସାଦ ପଟ୍ଟନାୟକଙ୍କ କବିତା ପୁସ୍ତକ 'ଗୀତି କବିତା ଗୁଚ୍ଛ' ଏବଂ 'ଆମ ଶୁଭ ଶଙ୍ଖ' ପତ୍ରିକାର ରଥଯାତ୍ରା ସଂଖ୍ୟା ଉନ୍ମୋଚନ କରାଯାଇଥିଲା। ପରିଷଦର ସଂପାଦକ ସରୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଉପସଭାପତି ସୁରେନ୍ଦ୍ରନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଏକ କବିତା ପାଠୋତ୍ସବକୁ ଡ. ରାଜୀବ ଲୋଚନ ପାଣିଗ୍ରାହୀ ଓ ଶୁଭ୍ରଜିତ ସାହୁ ସଂଯୋଜନା କରିଥିଲେ। ଜୟପୁର ଆକାଶବାଣୀର ଗାୟିକା ମହେଶ୍ୱତା ପଟ୍ଟନାୟକ ସଂଗୀତ ଗାନ କରିଥିଲେ।

# ଶୌଚାଳୟ ନିର୍ମାଣ ଅଧାରୁ ଠିକାଦାର ଛୁ

ବୁଗୁଡ଼ା,୧୫ା୬(କାଳୀଚରଣ ଦାଶ)

ସହର ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁ ସ୍ଥାନରେ ବାହ୍ୟ ମଳ ମୁକ୍ତ କରିବା ପାଇଁ ସ୍ୱଚ୍ଛ ଭାରତ ଅଭିଯାନ ଆନୁକୂଲ୍ୟରେ ଘରେ ଘରେ ପାଇଖାନା ନିର୍ମାଣ ପାଇଁ ହିତାଧିକାରୀ ଚିହ୍ନଟ କରାଯାଇ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି। ତେବେ କେଉଁଠି ପାଇଖାନା ଗୋଦାମ ଘର ପାଲଟିଥିବା ବେଳେ ଆଉ କେଉଁଠି ଠିକାଦାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନ କରି ଅଧାରୁ ଛାଡି ଦେଇଥିବାରୁ ପରିବାର ଲୋକେ ପୂର୍ବ ଭଳି ବାଟ, ଘାଟ ଓ ପୋଖରୀ ହୁଡାରେ ଶୌଚ କରିବାକୁ ବାଧ ହେଉଛନ୍ତି। ଏମିତି ଦୃଶ୍ୟ ଦେଖିବାକୁ ମିଳିଛି ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଗୋଳାବନ୍ଧ ଗ୍ରାମରେ। ଗୋଳାବନ୍ଧ ଖାଦାଳ ସାହିର ଅଭିମନ୍ୟୁ ନାୟକ, ଚିତ୍ରସେନ ନାୟକ, ମିଥୁନ ନାୟକଙ୍କ ବାରି ପଟେ ସ୍ୱଚ୍ଛ ଭାରତ ଅଭିଯାନ ଆନୁକୂଲ୍ୟରେ ତିନୋଟି ପାଇଖାନା ନିର୍ମାଣ ହୋଇଛି ହେଲେ ସେଠି ଲାଟିନ ପ୍ଲାନ ବସିନି, ଟାଙ୍କି ପାଇଁ ଗାତ ଖୋଳାଯାଇ ଗୋଟିଏ ପାଇଖାନା ପଛରେ ତିନୋଟି ନନ୍ଦ ବସିଛି ବାକି ୨ ଟି କେବଳ ଗାତ ଖୋଲି ଛାଡି ଦିଆଯାଇଥିବାରୁ ତାହା ଏବେ ପୋତି ହୋଇଗଲାଣି। ପାଇଖାନାର ଛାତ ନାହିଁ କି ଶୌଚାଳୟର କବାଟ ଲାଗିନି। ଦୀର୍ଘ ୨ ବର୍ଷ ହେଲା ଏମିତି ଅଧାପନ୍ତରିଆ ଅବସ୍ଥାରେ ଛାଡି ଚାଲି ଯାଇଛି ଠିକାଦାର। ଫଳରେ ଖରା, ବର୍ଷା ଓ ରାତ୍ରି ସମୟରେ ଜୀବନକୁ ବିପଦରେ ପକାଇ ଶୌଚ ପାଇଁ ବାହାରକୁ ଯିବାକୁ ବାଧ ହେଉଥିବା କହିଛନ୍ତି ଚିତ୍ରସେନଙ୍କ ପତ୍ନୀ ନୟନୀ ନାୟକ। ଗ୍ରାମର କେବଳ ଏହି ୩ଟି ଘର ନୁହେଁ ଆହୁରି ଅନେକ ପରିବାର ଲୋକ ମଧ ଏମିତି ଅବସ୍ଥା ଭୋଗୁଛନ୍ତି। ପ୍ରତ୍ୟେକ ଗ୍ରାମକୁ ବାହ୍ୟ ମଳ ମୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଜରିଆରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏ ନେଇ ବିଭାଗୀୟ ଯନ୍ତ୍ରୀ ରାମା ରାଓଙ୍କୁ ପଚରାଯିବାରେ ସେ କହିଛନ୍ତି ଯେ ଏହି ଯୋଜନା ୨୦୧୯ରୁ ବନ୍ଦ ହୋଇ ଗଲାଣି ଏବଂ ଏ ବିଷୟ ତାଙ୍କ ନଜରକୁ ଆସି ନ ଥିବାରୁ ସୋମବାର ତାହା ବୁଝିବେ। ତେବେ ଏ ଦିଗରେ ପ୍ରଶାସନିକ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଦୁଇଦିନିଆ ବାର୍ଷିକ ଛାତ୍ର ସମ୍ମିଳନୀ

ଆର.ଉଦୟଗିରି,୧୫ା୬ (ମନୋଜ କୁମାର ପାଢ଼ୀ)

ଆର.ଉଦୟଗିରି ଥାନା ଅନ୍ତରଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ମାଣିକପୁର ଗ୍ରାମରେ ବିଶ୍ୱାବସୁ ଶବର ସମାଜ କଲ୍ୟାଣ ସମିତିର ଦୁଇଦିନିଆ ବାର୍ଷିକ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏକ ଶିକ୍ଷିତ, କୁସଂସ୍କାରମୁକ୍ତ ସମାଜ ଗଠନ ଏବଂ ଉତ୍ତମ ନାଗରିକ ଗଠନର ଲକ୍ଷ୍ୟ ନେଇ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା। ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ସୋମନାଥ ପ୍ରଧାନ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅଲଡା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ତଥା ବିଶିଷ୍ଟ ଆଧ୍ୟାତ୍ମିକ ସାଧ୍ୱୀ ମାତାଜୀ ଅନିତା ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କିଭଳି ଏକ ଆଦର୍ଶ ଛାତ୍ର ଭାବେ ସେମାନେ ନିଜକୁ ଗଢ଼ିବେ ସେ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ସର୍ବପ୍ରଥମେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ସଂକୀର୍ତ୍ତନ ମାଧ୍ୟମରେ ଗ୍ରାମ ପରିକ୍ରମା କରିଥିଲେ। ତତ୍ ପରେ ସତ୍‌ସଙ୍ଗ, ଜଳପାନ, ଛାତ୍ରୀଛାତ୍ରଙ୍କ ସାଧାରଣ ଜ୍ଞାନ ପରୀକ୍ଷଣ, ବକ୍ତୃତା ପ୍ରତିଯୋଗିତା, ଦେଶାତ୍ମବୋଧକ ଓ ଭଜନ ସଂଗୀତ ଓ ନୃତ୍ୟ ପ୍ରତିଯୋଗିତା ହୋଇଥିଲା।



ସମ୍ମିଳନୀରେ ଉପସ୍ଥିତ ଛାତ୍ରୀଛାତ୍ର।

ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ଓ ମୁଖ୍ୟବକ୍ତାଙ୍କ ଦ୍ୱାରା ମାନପତ୍ର ଓ ଉପଢ଼ୌକନ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ଏକ ଉତ୍ତମ ସମାଜ ଗଠନ ପାଇଁ ସମସ୍ତଙ୍କ ସହଯୋଗ କାମନା କରି ସଭାପତି କର୍ଣ୍ଣରଥୀ ବେହେର୍ଦଲାଇ ଉଦ୍‌ଯାପନ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ବିଶିଷ୍ଟ ମଞ୍ଚ ପରିଚାଳକ ହରିଶ୍ଚନ୍ଦ୍ର ଦଳବେହେରା ଓ ରୁଷିଆ କାର୍ଯ୍ୟୀ। ପ୍ରତିଯୋଗିତା ପରିଚାଳନା ଓ ବିଚାରକ ଦାୟିତ୍ୱରେ ଥିଲେ ଅଧ୍ୟାପିକା ନଳିନୀ କାର୍ଯ୍ୟୀ, ଶିକ୍ଷକ ରାମଚନ୍ଦ୍ର ଦଳବେହେରା, ମନୋଜ ଦଳାଇ, ବନମାଳୀ ବାଣ୍ଡୁଆ, ସୁରେଶ ରଇତ, ଲକ୍ଷ୍ମଣ ନାୟକ, ମେଳା ପ୍ରଧାନ, ଉମାଶଙ୍କର ଦଳବେହେରା, ଦ୍ରୌପଦୀ ଦଳାଇ, ହରି କାର୍ଯ୍ୟୀ ଏବଂ ତାରିଣୀ କାର୍ଯ୍ୟୀ ଥିଲେ। ସମାଜର ସହ-ସମ୍ପାଦକ କାହ୍ନୁ ରଇତ, ବାଚସ୍ପତି ଦିଲେଶ୍ୱର ପୂଜାରୀ, ଓରା ମହାନାୟକ, ସ୍ୱାସ୍ଥ୍ୟ ଅଧିକାରୀ ଚୈତନ୍ୟ ଦଳାଇ, ବିଶିଷ୍ଟ ଶିକ୍ଷାବିତ୍ ସୋମନାଥ ଦଳାଇ ଓ ସୁରେନ୍ଦ୍ର କାର୍ଯ୍ୟୀ, ବିଶିଷ୍ଟ ସମାଜସେବୀ ପୁଞ୍ଜୁପଡା ଗ୍ରାମ ପଞ୍ଚାୟତର ସମିତିସଭ୍ୟ ନାରାୟଣ ନାୟକ ଏବଂ ୨୩ ଖଣ୍ଡ ଗ୍ରାମର ନବ ନାୟକ ଉପସ୍ଥିତ ଥିଲେ।

# କଳିଙ୍ଗାରେ ଉତ୍କଟ ପାନୀୟ ଜଳ ସମସ୍ୟା

ଜି.ଉଦୟଗିରି,୧୫ା୬(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ବ୍ଲକର କଳିଙ୍ଗାଠାରେ ଉତ୍କଟ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ୪ଟି ମୋଟର ପମ୍ପ ମଧ୍ୟରୁ ୩ଟି ଖରାପ ଅଛି। ତେଣୁ ପାନୀୟ ଜଳଯୋଗାଣ ଏକ ସପ୍ତାହ ହେବ ପ୍ରଭାବିତ ହୋଇଛି। ଜଳସ୍ତର କମିଯିବା ଯୋଗୁ ନଳକୂଅଗୁଡିକରୁ ପାଣି ବାହାରୁନାହିଁ। ୨୦୦୮-୦୯ ବର୍ଷରେ ୨୧ଲକ୍ଷ ଟଙ୍କା ବ୍ୟୟରେ କରାଯାଇଥିବା ଏହି ପ୍ରକଳ୍ପ ଲୋକଙ୍କ କାମରେ ଆସୁନାହିଁ। ବର୍ତ୍ତମାନ ଯାଏ ଏହି ଜଳଯୋଗାଣ ପ୍ରକଳ୍ପରେ ୩୪ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ ଲୋକେ ପାଣି ପାଇପାରୁନହାନ୍ତି। ଏପରିକି କଳିଙ୍ଗାରେ ଏକ ସୋଲାର ପମ୍ପ ବସିଥିଲେ ମଧ ପାଣି ଯୋଗାଣ ଠିକ୍‌ରେ ହୋଇପାରୁନାହିଁ। ପାନୀୟ ଜଳ ସମସ୍ୟା ଯୋଗୁ ଡୁଗୁଡୁପାରି, କଳିଙ୍ଗା ଛକ, କୂଅ ସାହି, ଡିଏଭି ଛକ ସମେତ ଅନେକ ଗ୍ରାମ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଜି.ଉଦୟଗିରି ପାନୀୟ ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଦୀନବନ୍ଧୁ ପଟେଲଙ୍କୁ ପଚାରିବାରୁ ମୋଟର ପମ୍ପ



ଅଚଳ ମୋଟର ପମ୍ପ।

## ଜଳସ୍ତର ତଳକୁ ଚାଲିଯାଉଛି

ଖରାପ ଅଛି। ସେଗୁଡ଼ିକ କାରିଗର ଯୋଗେ ଶୀଘ୍ର ମରାମତି କରାଯାଇ ଜଳ ଯୋଗାଣ ସ୍ୱାଭାବିକ କରାଯିବ ବୋଲି କହିଛନ୍ତି। ସୋଲାର ପମ୍ପ କାମ କରୁଥିଲେ ମଧ ଜଳସ୍ତର ତଳକୁ ଚାଲିଯିବା ଯୋଗୁ ଏପରି ସମସ୍ୟା ହେଉଛି। ତେଣୁ କଳିଙ୍ଗା ପଞ୍ଚାୟତ ଓ ତଲାଗିମହା ପଞ୍ଚାୟତକୁ ମହାନଦୀରୁ ଆସୁଥିବା ମେଗା ପ୍ରକଳ୍ପରେ ସାମିଲ କରାଯାଇଛି। ସେଇ ପ୍ରକଳ୍ପ କାମ ହେବା ଯାଏ ଜଳ ଯୋଗାଣରେ ସାମାନ୍ୟ ଅସୁବିଧା ରହିବ ବୋଲି କହିଛନ୍ତି। ବର୍ତ୍ତମାନ ମୋଟର ପମ୍ପଗୁଡିକ ଠିକ୍ ହୋଇଯିବା ପରେ ସବୁ ସାହିକୁ ସମୟ ଧାର୍ଯ୍ୟ କରି ଠିକ୍ ଭାବେ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ମେସ୍ତା, ଛଣି ଚାଷ ପ୍ରତି ଆଗ୍ରହ ବଢୁଛି

ବ୍ରହ୍ମପୁର,୧୫।୬ (ସ୍ମୃତି ରଞ୍ଜନ ମହାଲିକ)

ଅଧିକ ଉତ୍ପାଦନ ପାଇଁ ଚାଷୀ ଜମିରେ ବିଭିନ୍ନ ସାର ପ୍ରୟୋଗ କରିବା ଦ୍ୱାରା ଅନେକାଂଶ ମାଟିର ଉର୍ବରତା ହ୍ରାସ ପାଉଛି। ଫଳରେ ଉତ୍ପାଦନ କମୁଛି। ଅନ୍ୟପଟେ ଠିକ ସମୟରେ ବର୍ଷା ନ ହେବା ମଧ୍ୟ ଅମଳ କମିବାର ଅନ୍ୟ ଏକ କାରଣ କୁହାଯାଇପାରେ। ମାଟି ଉର୍ବର ରଖିବା ପାଇଁ ଚାଷୀ ବିଭିନ୍ନ ପ୍ରାକୃତିକ ଉପାୟ ଅବଲମ୍ବନ କରିଥାଏ। ମୁଖ୍ୟତଃ ଗୋବର ଖତ ପକାଇ ଉର୍ବରତାକୁ ରକ୍ଷା କରାଯାଇଥାଏ। ବର୍ତ୍ତମାନ ଅଧିକ ପରିମାଣରେ ଗୋବର ମିଳିବା ସମ୍ଭବ ହେଉ ନ ଥିବା କାରଣରୁ ଚାଷୀ ଏବେ ସବୁଜ ସାର ଉପରେ ନିର୍ଭର କରୁଛି। ସେଥିମଧ୍ୟରୁ ମେସ୍ତା ଓ ଛଣି ଜମିରେ ଚାଷ କରି ସବୁଜ ସାର ରୂପେ ବ୍ୟବହାର ହେଉଛି। ଏହି ସବୁଜ ସାର ଜାତୀୟ ଚାଷ ପାଇଁ ଜିଲା କୃଷି ବିଭାଗ ପକ୍ଷରୁ ବିହନ ଯୋଗାଇ ଦିଆଯାଇଥାଏ। ମେସ୍ତା ଓ ଛଣି ଅମଳ ହେବା ପରେ ଏହାକୁ ଜମିରେ ପୁଣି ଥରେ ମିଶାଯାଇଥାଏ। ଯାହା ମାଟିରେ ମିଶିବା ଦ୍ୱାରା ଚାଷ ଜମି ଉର୍ବର ହୋଇଥାଏ ବୋଲି ସହକାରୀ ଜିଲା କୃଷି ଅଧିକାରୀ ପ୍ରଶାନ୍ତ କୁମାର ନାଥ କହିଛନ୍ତି।



ଗଞ୍ଜାମ ଜିଲାରେ ଏହି ସବୁଜ ସାରଜାତୀୟ ଚାଷ କମ୍ ପରିମାଣରେ ହେଉଥିଲେ ବି ଏହା ଜମିର ଉର୍ବରତାକୁ ବୃଦ୍ଧି କରୁଥିବା ଅନେକ ଚାଷୀ ମତ ପ୍ରକାଶ କରିଛନ୍ତି। ବିଶେଷ କରି ଜିଲାର ଭଞ୍ଜନଗର ଓ ଆସିକା ବ୍ଲକରେ ଏହି ୨ଟି ସବୁଜ ସାର ଜାତୀୟ ଚାଷ ଅଧିକ ପରିମାଣରେ ହେଉଥିବା ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ମିଳିଥିବା ତଥ୍ୟ ମୁତାବକ, ୨୦୨୨ ଖରିଫ ଋତୁରେ ଜିଲାରେ ୩୩୩ ହେକ୍ଟର ମେସ୍ତା ଓ ୪୨୦ ହେକ୍ଟର ଛଣି ଚାଷ ହୋଇଛି। ମେସ୍ତା ଚାଷ ଆସିକା ବ୍ଲକରେ ୨୦ ହେକ୍ଟର, ଶେରଗଡରେ ୨ ହେକ୍ଟର, ଧରାକୋଟ ୫ ହେକ୍ଟର, ସୋରଡା ୩୦ ହେକ୍ଟର, ଭଞ୍ଜନଗର ୫୦ ହେକ୍ଟର, ବେଲଗୁଣ୍ଠା ୪୦ ହେକ୍ଟର, ଜଗନ୍ନାଥପ୍ରସାଦ ୧୦ ହେକ୍ଟର, ବୁଗୁଡା ୧୫ ହେକ୍ଟର, ପୁରୁଷୋତ୍ତମପୁର ୪୦ ହେକ୍ଟର, ଗଞ୍ଜାମ ୨୫ ହେକ୍ଟର, ହିଞ୍ଜିଳିକାଟୁ ୨୦ ହେକ୍ଟର, କବିସୂର୍ଯ୍ୟନଗର ୧୦ ହେକ୍ଟର, ପୋଲସରା ୨୫ ହେକ୍ଟର ଓ ବେଗୁନିଆପଡାରେ ୪୧ ହେକ୍ଟର ହେଉଥିବା ସୂଚନା ମିଳିଛି। ସେହିଭଳି ଛଣି ଚାଷ ଆସିକା ବ୍ଲକରେ ୫୦ ହେକ୍ଟର, ଧରାକୋଟ ୫ ହେକ୍ଟର, ସୋରଡା ୭୫ ହେକ୍ଟର, ଭଞ୍ଜନଗର ୫୦ ହେକ୍ଟର, ବେଲଗୁଣ୍ଠା ୧୫ ହେକ୍ଟର, ବୁଗୁଡା ୧୫ ହେକ୍ଟର, ଛତ୍ରପୁର ୨ ହେକ୍ଟର, ପୁରୁଷୋତ୍ତମପୁର ୩୦ ହେକ୍ଟର, ଗଞ୍ଜାମ ୨୦ ହେକ୍ଟର, ହିଞ୍ଜିଳି ୭୮ ହେକ୍ଟର, କବିସୂର୍ଯ୍ୟନଗର ୫୦ ହେକ୍ଟର ଓ ପୋଲସରା ୩୦ ହେକ୍ଟରରେ ହୋଇଥିବା ସୂଚନା ମିଳିଛି।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

bmpselfie@gmail.com



@ ଅର୍ଚ୍ଚନା



@ ରାକେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଭିନ୍ନ ଅନୁଷ୍ଠାନ ପାଳିଲେ ରଜ ସଂକ୍ରାନ୍ତି



ସାତ୍ତ୍ୱିକ ସୋଲ ଫାଉଣ୍ଡେଶନ ପକ୍ଷରୁ ଚନ୍ଦନ ନଗର ବସ୍ତିରେ ପୁଚିଖେଳ ପ୍ରତିଯୋଗିତା।



ଅଙ୍କୁରେ ପ୍ରେମ ଅନୁଷ୍ଠାନ ପକ୍ଷରୁ ମେହେନ୍ଦୀ ପ୍ରତିଯୋଗିତା।

ବ୍ରହ୍ମପୁର,୧୫।୬ (ତନୁଶ୍ରୀ ନାହାକ)

ଓଡ଼ିଶାର ଗଣପର୍ବ ରଜର ଦ୍ୱିତୀୟ ଦିନ ଗୁରୁବାର ଥିଲା ରଜ ସଂକ୍ରାନ୍ତି । ବ୍ରହ୍ମପୁର ସହରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରଜସଂକ୍ରାନ୍ତି ପାଳନ କରାଯାଇଛି। ଘରେ ଘରେ ପିଠାପଣାର ଆସର ଚାଲିଥିବା ବେଳେ ସାହି ପଡୋଶୀ ମିଳିତ ଭାବେ ଦୋଳି ଖେଳିବାଠୁ ଆରମ୍ଭ କରି ବିଭିନ୍ନ ମନୋରଞ୍ଜନଭିତ୍ତିକ କ୍ରୀଡ଼ାରେ ମସଗୁଲ ହୋଇଛନ୍ତି। ବୁଧବାର ସହରର ବହୁ ସାମାଜିକ ଅନୁଷ୍ଠାନ ପକ୍ଷରୁ ରଜ ପର୍ବ ପାଳିତ ହୋଇଥିଲା। ଅଙ୍କୁରେ ପ୍ରେମ ଅନୁଷ୍ଠାନ ପକ୍ଷରୁ ସମ୍ପାଦକ ନଳିନି କାନ୍ତ ଗୌଡ଼ ଓ ଆବାହିକା ସ୍ୱର୍ଣ୍ଣ ପ୍ରଭା ପାଢ଼ୀଙ୍କ ପୌରହିତ୍ୟରେ ରଜ ମଉଜ ପାଳିତ ହୋଇଥିଲା। ଏଥିରେ ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ରର ପୂର୍ବତନ କେନ୍ଦ୍ର ସହ ନିର୍ଦ୍ଦେଶକ ତଥା ଉଦଘୋଷକ ଡ଼.ହୃଷିକେଶ ପାଣିଗ୍ରାହୀ ଯୋଗ ଦେଇଥିଲେ। ଏହି ଅବସରରେ ମେହେନ୍ଦୀ, ଅଳତା, କୁଇଜ, ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ସେହିପରି ଚନ୍ଦନ ନଗର ଠାରେ ସାତ୍ତ୍ୱିକ ସୋଲ ଫାଉଣ୍ଡେସନ ପକ୍ଷରୁ ବସ୍ତିବାସିନ୍ଦାଙ୍କ ସହ ରଜ ପର୍ବ ପାଳନ ହୋଇଥିଲା। ଏଥିରେ କର୍ପୋରେଟର ବନିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବସ୍ତିବାସିନ୍ଦାଙ୍କ ସହ ରଜପର୍ବର ମଜା ଉଠାଇଥିଲେ। ସାତ୍ତ୍ୱିକ ସୋଲ ଫାଉଣ୍ଡେସନ ପକ୍ଷରୁ ଅଳତା, ମେହେନ୍ଦୀ ପ୍ରତିଯୋଗିତା ସହ ଛୋଟ ଶିଶୁଙ୍କ ମଧ୍ୟରେ ଉପହାର ବଣ୍ଟନ କରାଯାଇଥିଲା। ପରେ ପୁଚି, ରଙ୍ଗୋଲୀ, କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଏରୋଗଲା ଗ୍ୟାଙ୍ଗ୍‌ର ୨ ଗିରଫ

### ରୁପା ଭର୍ତ୍ତି ବ୍ୟାଗ୍ ଲୁଟ ଘଟଣା

ବ୍ରହ୍ମପୁର,୧୫।୬ (ସୁବାସ ଚନ୍ଦ୍ର ପାଢ଼ୀ)

ବଡବଜାର ଥାନା ଅନ୍ତର୍ଗତ ଜେମାଦେଇପେଣ୍ଠର ସୁରେନ୍ଦ୍ର ମହାପାତ୍ରଙ୍କ ଗାଡ଼ିରୁ ରୁପା ଅଳଙ୍କାର ବ୍ୟାଗକୁ ଗତ ୧୦ ତାରିଖ ସ୍ପଷ୍ଟ ଦିବାଲୋକରେ ଲୁଟେରାମାନେ ନେଇ ଚମ୍ପଟ ମାରିଥିଲେ। ଟାଉନ ଥାନା ପୋଲିସ ସିସିଟିଭି ଫୁଟେଜ ଆଧାରରେ ଏରୋଗଲା ଗ୍ୟାଙ୍ଗର ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଆସିକା ନିକଟ କାଳଷଣ୍ଢପୁର ଗ୍ରାମର ଡ଼ି. ଗାନ୍ଧୀ ଓ ସୋରଡ଼ା ଅଞ୍ଚଳର ଏମ. ଦିଲୀପ। ପୋଲିସ ସେମାନଙ୍କ ନିକଟରୁ ଦୁଇ କେଜି ୮୦୦ ଗ୍ରାମର ରୁପା ସାମଗ୍ରୀ ଜବତ କରିଛି। ଏଥିସହ ଲୁଟ ବେଳେ ସେମାନେ ବ୍ୟବହାର କରିଥିବା ବାଇକ ମଧ୍ୟ ଜବତ କରିଛି। ମାମଲା ନଂ. ୨୦୬/୨୩ ରେ ଅଭିଯୁକ୍ତଦ୍ୱୟଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ସୁରେନ୍ଦ୍ର ରୁପା ଅଳଙ୍କାର ବ୍ୟବସାୟ କରନ୍ତି। ପ୍ରତିଦିନ ସେ ବିଭିନ୍ନ ଗ୍ରାମକୁ ଯାଇ ରୁପା ଅଳଙ୍କାର ବିକ୍ରି କରିଥାନ୍ତି। ଗତ ୧୦ ତାରିଖରେ ସେ ସଦର ଥାନା ଅନ୍ତର୍ଗତ ଖାଡ଼ାଙ୍କୁଳି ଓ ହୁଗୁଳାପଙ୍ଗା ଗ୍ରାମରେ ରୁପା ଅଳଙ୍କାର ବିକ୍ରିବଟା କରି ମଧ୍ୟାହ୍ନରେ ଘରକୁ ଫେରୁଥିଲେ। ଚର୍ଚ୍ଚରୋଡ କଡ଼ରେ ଗାଡି ରଖି ଖାଇବା ପାଇଁ ପାଖ ଦୋକାନରୁ ଚିପ୍ସ କିଣୁଥିଲେ। ଏହି ସମୟରେ ଅଭିଯୁକ୍ତଦ୍ୱୟ ଏକ ପଲସରରେ ଆସି ସୁରେନ୍ଦ୍ରଙ୍କ ଗାଡ଼ିରେ ଓହଳିଥିବା ରୁପା ଭର୍ତ୍ତି ବ୍ୟାଗ ଝାମ୍ପି ନେଇଥିଲେ। ବ୍ୟାଗରେ ୩ କେଜି ଓଜନର ରୁପା ଅଳଙ୍କାର ଥିବାନେଇ ସେ ଥାନାରେ ଅଭିଯୋଗ କରିଥିଲେ।

## ଏମ୍‌କେସିଜି ମେଡିକାଲରେ ଏନ୍‌ଏମ୍‌ସି ଟିମ୍

ବ୍ରହ୍ମପୁର,୧୫।୬(ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) ମେଡିକାଲ କଲେଜ ଓ ହସ୍ପିଟାଲରେ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ନାନା ପଦକ୍ଷେପ ଗ୍ରହଣ କରାଯାଉଛି। ବିଭିନ୍ନ ବିଭାଗରେ ନୂତନ ଭାବେ ପିଜି ପାଠ୍ୟକ୍ରମ ଆରମ୍ଭ କରାଯାଉଛି। ଏହି ଧାରାରେ ବିଗତ ବର୍ଷରେ ଚର୍ମ ଓ ଯୌନ ରୋଗ ବିଭାଗର ୨ଟି ପିଜି(ଏମଡି) ସିଟ୍ ବୃଦ୍ଧି କରାଯାଇଥିଲା। ସେହିପରି ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗର ଗୋଟିଏ ପିଜି (ଏମ୍‌ଏସ୍) ସିଟ୍ ବୃଦ୍ଧି କରାଯାଇଥିଲା। ଏହି ବର୍ଦ୍ଧିତ ସିଟ୍ କାଏମ କରିବା ସହିତ ଚଳିତ ଶିକ୍ଷାବର୍ଷରେ ନାମଲେଖା ପାଇଁ ଅନୁମତି ପ୍ରଦାନ ଦିଗରେ ଗୁରୁବାର ଏନ୍‌ଏମଏସ(ନ୍ୟାସନାଲ୍ ମେଡିକାଲ କମିସନ୍)ର ଏକ ପ୍ରତିନିଧି ଦଳ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଗସ୍ତରେ ଆସିଥିଲେ। ଏହି ପ୍ରତିନିଧି ଦଳ ମେଡିକାଲ କଲେଜର ଡିନ୍ ତଥା ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ମିଶ୍ରଙ୍କ ସହିତ ଆଲୋଚନା କରି ଉଭୟ ବିଭାଗର ଭିତ୍ତିଭୂମି ଯାଞ୍ଚ କରିଥିଲେ। ଗୁରୁବାର ଚର୍ମ ଓ ଯୌନ ରୋଗ ବିଭାଗ, ସ୍ତ୍ରୀ ଓ ପ୍ରସୂତି ବିଭାଗ ଓ ଏଣ୍ଡୋକ୍ରାଇନୋଲୋଜି ବିଭାଗ ସମୀକ୍ଷା ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଦୁଇଟି ବିଭାଗର ଗୁରୁବାର ସମୀକ୍ଷା ହୋଇଛି। ଛାତ୍ରୀଛାତ୍ରଙ୍କ ପାଠପଢ଼ା ପାଇଁ ଆବଶ୍ୟକ ଅଧ୍ୟାପକ, ଲାବ୍ରୋଟାରି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସୁଯୋଗ ଲପଲବ୍ଧ ରହିଛି କି ନାହିଁ, ତାହା ଯାଞ୍ଚ କରିଥିଲେ। ଯାଞ୍ଚରେ ଏନ୍‌ଏମସି ଟିମ୍ ସନ୍ତୋଷ ପ୍ରକାଶ କରିଥିବା ସୂଚନା ମିଳିଛି। ଏହି ଟିମରେ କର୍ଣ୍ଣାଟକ ସିମୋଗା ଇନିଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସର ଚର୍ମ ଓ ଯୌନ ରୋଗ ବିଭାଗର ମୁଖ୍ୟ ପ୍ରଫେସର ଦାଦାପିର ଏଚ୍. ଜେ ଓ ଚଣ୍ଡିଗଡ଼ ସରକାରୀ ମେଡିକାଲ କଲେଜର ସ୍ତ୍ରୀ ଓ ପ୍ରସୂତି ବିଭାଗ ପ୍ରଫେସର ଅଳକା ସେଗଲ ସାମିଲ ଥିଲେ।

## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ଭାଜପାର ଧାରଣା । ସ୍ଥାନ–ଟିପିଏସଓଡିଏଲ କାର୍ଯ୍ୟାଳୟ। ସମୟ–ପୂର୍ବାହ୍ନ ୧୧ଟା ୩୦।

## ନିଟ୍‌ରେ ନୀତୀଶଙ୍କ କୃତିତ୍ୱ

ରମ୍ଭା,୧୫।୬(ବନବାସୀ ସେଠୀ): ସ୍ଥାନୀୟ ପାନ୍ଥ ନିବାସ ଜେଟି ରୋଡ ନୀତୀଶ କୁମାର ସାହୁ ସଦ୍ୟ ପ୍ରକାଶିତ ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା ନିଟ୍ ୨୦୨୩ରେ ୭୨୦ରୁ ୬୬୩ ନମ୍ବର ରଖି କୃତିତ୍ୱ ହାସଲ କରିଛନ୍ତି। ସେ ଶ୍ରୀଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଭିମନ୍ୟୁ ସାହୁ, ମାତା ମିନତି କୁମାରୀ ସାହୁଙ୍କ ପୁତ୍ର। ନୀତୀଶ ଚଳିତ ବର୍ଷ ଏସ୍‌ସିବି ମେଡିକାଲ କଲେଜରେ କଟକରୁ ସଫଳତାର ସହିତ ଏମ୍‌ବିବିସି ଡିଗ୍ରୀ ହାସଲ କରିଥିବାରୁ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

# ୯୨ବର୍ଷରେ ବି ଦାସକାଠିଆକୁ ଛାଡ଼ିନାହାନ୍ତି ନବଘନ

ଛତ୍ରପୁର,୧୫।୬ (ସନ୍ତୋଷ ପାଢ଼ୀ)

୯୨ବର୍ଷ ବୟସରେ ମଧ୍ୟ ଦାସକାଠିଆ ଲୋକକଳାକୁ ଗଞ୍ଜାମ ଜିଲାର ଗାୟକ ନବଘନ ମହାରଣା ଜାବୁଡ଼ି ଧରିଛନ୍ତି । ଆଜିର ଆଧୁନିକତା ଛାପ ଭିତରେ ମଧ୍ୟ ଗାଁ ଗାଁ ଯାଇ ଦାସକାଠିଆ ପରିବେଷଣ କରୁଛନ୍ତି। ଗୀତ, ଛାନ୍ଦ, ଚଉତିଶା ଗାଉଛନ୍ତି। ଦାସକାଠିଆ ସାଧନାରେ ସେ ନିଜକୁ ହଜାଇ ଦେଇଛନ୍ତି । ଦିନେ ୧୨ ଟଙ୍କାରେ ଦାସକାଠିଆ ପରିବେଷଣ କରୁଥିବା ବେଳେ ଆଜି ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ସେ ପରିବେଷଣ କରୁଛନ୍ତି। ଏତେ ବର୍ଷ ଧରି ଦାସକାଠିଆକୁ ଜାବୁଡ଼ି ଧରିଥିବା ଗୁରୁ ନବଘନ ମହାରଣାଙ୍କ ସଂଘର୍ଷର କାହାଣୀ କାଠି ଯୋଡାଏର ବାଜାଟିଏ। ଯାକୁ ହାତରେ ଧରିଲା ପରେ ତୁଣ୍ଡରେ ତୁଣ୍ଡରେ ରାମାୟଣ ମହାଭାରତର କଥାମାନ ଆସେ। ଆଉ ଏଇ କାମରେ ନିଜ କଳାକୁ ବାନ୍ଧି ରଖିଛନ୍ତି ନବଘନ। ଛୋଟିଆ ଆଇନାକୁ ଦେଖି ସେ ମଥାକୁ କୁଙ୍କୁମରେ ସଜାନ୍ତି। ପଗଡି ବାନ୍ଧନ୍ତି। ଆଉ ମନରେ ଆଙ୍କନ୍ତି ନୂଆ ଅଭିନୟର ତାଳ। ଦାସକାଠିଆ ପାଇଁ ଚାକିରି ଛାଡିଥିଲେ। ଏବେ ୫ ହାତର ଆଜବେଷ୍ଟ ଘରେ ଜୀବନର ଶେଷ ମୁହୂର୍ତ୍ତରେ ଦାସକାଠିଆକୁ ସାହାରା କରି ଜୀବନ ବିତାଉଛନ୍ତି। ତେବେ ହଜିଯାଉଥିବା କଳାକୁ ନବଘନଙ୍କ ପରି ଅନେକ କଳାକାର ଆଜି ବି ବଞ୍ଚାଇ ଆସୁଥିବାବେଳେ ଆଗାମୀ ଦିନରେ ଲୋକେ ସଚେତନ ହେଲେ ଏମିତି ଅନେକ ଲୋକକଳା ବଞ୍ଚି ରହିପାରିବ ବୋଲି ମତ ପ୍ରକାଶ ପାଇଛି ।



ନବଘନ ମହାରଣା

# ଯୁବକଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

ଭଞ୍ଜନଗର,୧୫।୬ (ବାବୁଲା ପ୍ରଧାନ)

ଭଞ୍ଜନଗର ଥାନା ଅନ୍ତର୍ଗତ ଭାଲିଆଖାଇ ଗ୍ରାମର ଜଣେ ଯୁବକ ଗୁରୁବାର ସକାଳେ ନିଜ ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସତ୍ୟବାନ ରାଉଳ (୨୭)। ପରିବାର ଲୋକଙ୍କଠୁ ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଛି। କେଉଁ କାରଣରୁ ସତ୍ୟବାନ ଆତ୍ମହତ୍ୟା କଲେ ତାହା ଜଣାପଡିନାହିଁ। ବୁଧବାର ରାତିରେ ସତ୍ୟବାନ ଖାଇ ସାରିବା ପରେ ସାଙ୍ଗସାଥୀଙ୍କ ସହ କିଛି ସମୟ ବୁଲାବୁଲି କରିଥିଲେ। ପରେ ତାଙ୍କ ଘର ଉପର ମହଲାକୁ ଶୋଇବାକୁ ଯାଇଥିଲେ। ଗୁରୁବାର ସକାଳ ପ୍ରାୟ ସାଢ଼େ ୫ଟାରେ ସେ ଉଠି ପୁଣି ସେହି ଘରକୁ ଯାଇ ଆତ୍ମହତ୍ୟା କରିଥିଲେ। ବହୁ ଡେରି ପର୍ଯ୍ୟନ୍ତ ସତ୍ୟବାନ ବାହାରକୁ ନ ବାହାରିବାରୁ ପରିବାର ଲୋକେ ଯାଇ ଦେଖିଲା ବେଳକୁ ସେ ଆତ୍ମହତ୍ୟା କରିଥିବା ଜଣାପଡ଼ିଥିଲା।

# ଗୁରୁତର ପୁଅ କଟକ ସ୍ଥାନାନ୍ତର

### ଟ୍ରେନ୍ ଧକ୍କାରେ ମା'-ଝିଅ ମୃତ ଘଟଣା

ବ୍ରହ୍ମପୁର,୧୫।୬(ସୁବାସ ଚନ୍ଦ୍ର ପାଢ଼ୀ)

ଆନ୍ଧ୍ର ପ୍ରଦେଶ ପଲାସା ଜିଆରପି ଥାନା ଅଞ୍ଚଳରେ ବୁଧବାର ଅପରାହ୍ନରେ ଗଞ୍ଜାମ ଜିଲା ଜରଡ଼ା ଥାନା ଅନ୍ତର୍ଗତ ଚିଡ୍ଡୁପୁଡ଼ି ଗ୍ରାମର ୟୁ. ଶ୍ରାବଣୀ ଓ ତାଙ୍କର ୮ ମାସର ଝିଅ ୟୁ. ଶ୍ରୀଙ୍କ ମୃତ୍ୟୁ ଘଟିଥିଲା। ଶ୍ରାବଣୀଙ୍କ ୪ବର୍ଷର ପୁଅ ୟୁ. ହର୍ଷିତ ଗୁରୁତର ଆହତ ହୋଇ ଏମକେସିଜିରେ ଭର୍ତ୍ତି ହୋଇଥିଲେ। ତାଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ କଟକ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମା'– ଝିଅଙ୍କ ମୃତଦେହ ପଞ୍ଚନାମା କରାଯାଇ ବ୍ୟବଚ୍ଛେଦ ହୋଇଥିଲା। ମୃତଦେହ ତାଙ୍କ ଶ୍ୱଶୁର ଘର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ପଲସା ରେଳବାଇ ଥାନାଧିକାରୀ ଶେଖ ସରିଫ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଚିଡ୍ଡୁପୁଡ଼ି ଗ୍ରାମର ୟୁ. ଶ୍ୟାମଙ୍କ ସ୍ତ୍ରୀ ଶ୍ରାବଣୀ ତାଙ୍କର ଦୁଇ ପିଲାଙ୍କୁ ଇଚ୍ଛାପୁରମ୍ ନିକଟସ୍ଥ ଜଗନ୍ନାଥପୁରମ୍ ରେଲୱେ ଲେଭଲ୍ କ୍ରସିଂ ପାରି ହେଉଥିଲେ। ଏହି ସମୟରେ ଏକ ମାଲବାହୀ ଟ୍ରେନ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ମା' ଓ ଝିଅଙ୍କ ମୃତ୍ୟୁ ଘଟିଥିଲା। ପୁଅ ହର୍ଷିତ ଗୁରୁତର ହୋଇଥିଲେ। ପୋଲିସ ୨ ମୃତଦେହ ଜବତ କରି ୯୨/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା।

# ଯୁବକଙ୍କୁ ଆକ୍ରମଣ ଘଟଣା, ୨ ଗିରଫ

ବ୍ରହ୍ମପୁର,୧୫।୬(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ନିମଖଣ୍ଡି ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଭାବିନୀପୁର ଦାନୁଆ ସାହିର ରଞ୍ଜନ ସାହୁ ଓ ଦିଗପହଣ୍ଡି ଥାନା ଅଧିନ ଗୋକର୍ଣ୍ଣପୁର ମୂଳ ନିବାସୀ ତଥା ବର୍ତ୍ତମାନ ବଡ଼ ବଜାର ଥାନା କୁଠାରୀ ମନ୍ଦିର ସାହିରେ ରହୁଥିବା ଏସ ଗୋବିନ୍ଦ ଦୋରା ଓରଫ ମୌସମ । ପୂର୍ବ ଶତ୍ରୁତାରୁ ରୁଦ୍ର ସାବତଙ୍କୁ ସେମାନେ ଘାତକ ଆକ୍ରମଣ କରିଥିଲେ ବୋଲି ପୋଲିସ ଜେରା ବେଳେ ଜାଣିବାକୁ ପାଇଛି। ପ୍ରକାଶ ଯେ, ଗତ ୩୧ ତାରିଖରେ ଲୋଚପଡ଼ା ଅଞ୍ଚଳର ରୁଦ୍ର ସାବତ ତାଙ୍କ ସାନଭାଇ ବିଶ୍ୱଜିତଙ୍କୁ ଆଣିବା ପାଇଁ ଯାଉଥିଲେ। କୌଣସି କାରଣକୁ ନେଇ ରାସ୍ତାରେ ରୁଦ୍ରଙ୍କ ସହ ରଞ୍ଜନ ଓ ଗୋବିନ୍ଦଙ୍କ ପାଟିତୁଣ୍ଡ ହୋଇଥିଲା। ରଞ୍ଜନ ଓ ଗୋବିନ୍ଦ ଉତ୍ତ୍ୟକ୍ତ ହୋଇ ସେଠାରେ ରୁଦ୍ରଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ରୁଦ୍ର ଗୁରୁତର ଆହତ ହୋଇଥିଲେ। ଏ ନେଇ ନେଇ ରୁଦ୍ରଙ୍କ ମା ପ୍ରମିତା ସାବତ ଥାନାରେ ଅଭିଯୋଗ କରିଥିଲେ।

# ନିଟ୍ ପରୀକ୍ଷାରେ ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିରର ସଫଳତା

ବ୍ରହ୍ମପୁର,୧୫।୬ (ସ୍ମୃତି ରଞ୍ଜନ ମହାଲିକ)

ଜାତୀୟ ଯୋଗ୍ୟତା ଓ ପ୍ରବେଶିକା ପରୀକ୍ଷା (ନିଟ୍) ୨୦୨୩ ୟୁଜିର ପରୀକ୍ଷାଫଳ ଗତ ମଙ୍ଗଳବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ମେଡ଼ିକାଲ କୋଚିଂ ନେଉଥିବା ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିରର ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ସଫଳତାର ସହ କୃତକାର୍ଯ୍ୟ ହୋଇଛନ୍ତି। ଏହି ଅନୁଷ୍ଠାନର ସଫଳତା ହାର ପୁନର୍ବାର ଓଡ଼ିଶାରେ ସର୍ବୋତ୍ତମ ସ୍ଥାନ ଅଧିକାର କରିଛି। ୬୦୦ରୁ ଉର୍ଦ୍ଧ୍ୱ ନମ୍ବର ରଖି ସାଧାରଣ ବର୍ଗର ୬୯ ଜଣ ଛାତ୍ରୀଛାତ୍ର ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ସେମାନଙ୍କ ମଧ୍ୟରେ ମାଧବ ମିଶ୍ର ୬୮୫, ଶୃତିପ୍ରଜ୍ଞା ୬୮୦, ସ୍ୱାୟଂସ ଛାଟୋଇ ୬୭୬, ଦେବଦତ୍ତ ମହାନ୍ତି ୬୭୫, ରୁଦ୍ର ନାରାୟଣ ପ୍ରଧାନ ୬୭୨, ଶୁଭଙ୍କର ଚୌଧୁରୀ ୬୭୦, ଜନ୍ମେଜୟ ସାହୁ ୬୬୬, କେ.ସୁବ୍ରତ କୁମାର ରେଡି ୬୬୫, ପ୍ରୀତିପ୍ରଜ୍ଞା ଦାଶ ୬୬୧, ଗାୟତ୍ରୀ ପାଢ଼ୀ ୬୬୧, ଏସ ଅରସିତ ୬୬୦, ପ୍ରଭୁ ରଞ୍ଜନ ସାମନ୍ତରାୟ ୬୫୯, ଶିବ ପ୍ରସାଦ ରାଉତ ୬୫୭, ପ୍ରୟାସ କୁମାର ରାଉଳ ୬୫୭, ସୋଭନ ଶେଖର ଛାଟୋଇ ୬୫୬, ରାଜୀବ ଲୋଚନ ନାୟକ ୬୫୪, ବେଦାନ୍ତ ନିଗମ ସାହୁ ୬୫୦, ନିହାର ରଞ୍ଜନ ଦାଶ ୬୪୫, ମୟଙ୍କ ଦାଶ ୬୪୪, ଅନ୍ୱେଷା ପାତ୍ର ୬୪୪, ଓମ ଆର୍ୟାନ ପଣ୍ଡା ୬୪୩, ବସୁଧା ମହାପାତ୍ର ୬୩୯, ଶିବାଶିଷ ଷଡଙ୍ଗୀ ୬୩୭, ଏ.ଅର୍ଚ୍ଚିତା ଆଚାରୀ ୬୩୭, ଆଦର୍ଶ ନାୟକ ୬୩୫, ଅନୁଭବ ସ୍ୱାଇଁ ୬୩୫, ସୌରଭ ରଞ୍ଜନ ମିଶ୍ର ୬୩୪, ମଧୁସ୍ମିତା ବେହେରା ୬୩୩, ବିସ୍ମୟ ପଧାନ ୬୩୦, ଏମ ଶୁଭମ୍ ୬୨୯, ଗଣେଶ ସ୍ୱାଇଁ ୬୨୮, ନିହାର ରଞ୍ଜନ ନାୟକ ୬୨୭, ଏନ ସୁନିଲ କୁମାର ୬୨୬, ଶ୍ରେଷ୍ଠାଳୀ ବିଶ୍ୱାଳ ୬୨୫, ସୌମିତ୍ରୀ ସ୍ୱାଇଁ ୬୨୩, ଆୟୁଷ ରଞ୍ଜନ ପ୍ରଧାନ ୬୨୩, ସୌମ୍ୟ ଜଗନ୍ନାଥ ପାଢ଼ୀ ୬୨୩ ନମ୍ବର ରଖିଛନ୍ତି। ସେହିପରି ହରିବନ୍ଧୁ ପାଣିଗ୍ରାହୀ ୬୨୩, ସାର୍ଥକ ମହାନ୍ତି ୬୨୨, ହର୍ଷା ବେହେରା ୬୨୨, ଦୈତାରୀ ପାଢି ୬୨୧, ଇପସିତା ସାବତ ୬୨୦, ସୌମ୍ୟାଶ୍ରୀ ୟାଦବ ୬୨୦, ଜ୍ୟୋତିରଞ୍ଜନ ବଳ ୬୧୮, ଆନାମଚେତି ପ୍ରଜ୍ଞା ୬୧୭, ଆଶିଷ କୁମାର ମିଶ୍ର, ୬୧୬, ସିନ୍ଧୁଜା ପରିଚ୍ଛା ୬୧୫, ସ୍ୱାଗତ ପାଣିଗ୍ରାହୀ ୬୧୫, ଶକ୍ତି ପ୍ରସାଦ ସ୍ୱାଇଁ ୬୧୫, ଶୁଭଦର୍ଶିନୀ ଶବର ୬୧୫, ପ୍ରଭୁପ୍ରସାଦ ତ୍ରିପାଠୀ ୬୧୪, ଆଶୁତୋଷ ପ୍ରଧାନ ୬୧୪, ଅଭିଲିପ୍ସା ସାହୁ ୬୧୩, ନମ୍ରତା ଦାସ ୬୧୩, ଅଂଶିତା ପଟ୍ଟନାୟକ ୬୧୨, ଓମ ପ୍ରସାଦ ସାହୁ ୬୧୧, ରିତିକା ପାଢ଼ୀ ୬୧୦, ଅଙ୍କିତା ପଣ୍ଡା ୬୧୦, ଜେ.ଶୁଭମ ଆଚାରୀ ୬୦୯, ରାଇକିଶୋରୀ ଲେଙ୍କା ୬୦୮, ଅରୁଣ କୁମାର ସାହୁ ୬୦୬, ଅର୍ଚ୍ଚନା ପ୍ରଧାନ ୬୦୬, ବଦ୍ରିନାଥ ପ୍ରଧାନ ୬୦୬, ରାଜେନ୍ଦ୍ର ସାହୁ ୬୦୫, ଓମ ପ୍ରକାଶ ପଣ୍ଡା ୬୦୨, ଆଶିଷ କୁମାର ଆଚାର୍ଯ୍ୟ ୬୦୨, ରିତିକ ରୋସନ ନାୟକ ୬୦୨, ୟଶସ୍ୱୀ ରଞ୍ଜନ ସାହୁ ୬୦୦, ସତ୍ୟ ଶିବ ସୁନ୍ଦର ୬୦୦ ନମ୍ବର ରଖି ଅନୁଷ୍ଠାନ ପାଇଁ ସୁନାମ ଅର୍ଜ୍ଜନ କରିଛନ୍ତି। ଏହି ଅଭୂତପୂର୍ବ ସଫଳତା ପାଇଁ ଶିକ୍ଷାନୁଷ୍ଠାନର କୋଚିଂ ଡିଭିଜନର ଅଭିଜ୍ଞ ଶିକ୍ଷକଙ୍କର ପ୍ରଚେଷ୍ଟାକୁ ଶ୍ରେୟ ଦିଆଯାଇଛି। ପ୍ରାଧ୍ୟାପକ ପ୍ରଶାନ୍ତ ସାହୁ, ସନ୍ତୋଷ କୁମାର ପଣ୍ଡା, ରାଜେଶ ଜୟସ୍ୱାଲ, ପ୍ରତାପ କୁମାର ପାତ୍ର, ଜି ସୁରେଶ, ରମେଶ କୁମାର, ଆଲୋକ ବଳ, ଅନିଲ କୁମାର ବିଶ୍ୱାଳ, ସରୋଜ କୁମାର, ନାଗେସ ବାବୁ, ସୁନିଲ କୁମାର, କଲ୍ୟାଣ ଚକ୍ରବର୍ତ୍ତୀ, କେ.ରଜନୀକାନ୍ତ, ରାଜେନ୍ଦ୍ର କୁମାର ନାୟକ, କ୍ରିଷ୍ଣାମାରାଜୁ ଗୋଲାପଲୀ, ଗଙ୍ଗାଧର ପରିଡାଙ୍କର ଉତ୍ସର୍ଗୀକୃତ ଶିକ୍ଷାଦାନ ପ୍ରଣାଳୀ ପାଇଁ ସଫଳତା ହାସଲ ହୋଇପାରିଛି। ଏଥିସହ ଛାତ୍ରୀଛାତ୍ରଙ୍କର ଆତ୍ମବିଶ୍ୱାସ ଓ କଠୋର ପରିଶ୍ରମ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ସଫଳତା ପାଇଁ ବହୁ ଅଭିଭାବକଙ୍କ ସମେତ ପରିଚାଳନା କମିଟିର ସଭାପତି ଡ ଜିବାନନ୍ଦ ତ୍ରିପାଠୀ, ଉପସଭାପତି ରବିନ୍ଦ୍ରନାଥ ଜେନା, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ସଦସ୍ୟା ପ୍ରଣତୀ ସାମଲ, ବାସନ୍ତୀ ବେହେରା, ଉପଦେଷ୍ଟାମଣ୍ଡଳୀରେ ଥିବା ସମସ୍ତ କର୍ମକର୍ତ୍ତା, ଅଧ୍ୟକ୍ଷ ଏସ.ମୋହନ ରାଓ, ପ୍ରଧାନାଚାର୍ଯ୍ୟ ସୁରେଶ ଆଚାର୍ଯ୍ୟ, ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି ଏବଂ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀ ଓ କୋଚିଂ ଡିଭିଜନର ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ସଫଳତା ହାସଲ କରିଥିବା ଛାତ୍ରୀଛାତ୍ର।

